ODISHA POLICE
STATE HEADQUARTERS
CUTTACK.

ପ୍ରେସ୍ ନୋଟ୍

୧୪.୧୧.୨୦୨୨

# ଓଡିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର 24 ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

କଟକ ତା ୧୪.୧୧.୨୦୨୨ – ଓଡିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ୨୪ ତମ ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ତୁଳସୀପୁର ପୋଲିସ କଲୋନୀଠାରେ ଅନୁଷ୍ଠିତ ହୋଇଯାଇଅଛି | କ୍ଲବର ସଭାପତି ଡଃ ଅନୁ ବଂସଲ୍ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୋଲିସ ପରିବାର କଲ୍ୟାଣ କେନ୍ଦ୍ର ଗୁଡିକର କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ | ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ବିଭିନ୍ନ ଜନ ମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସୂଚନା ଦେବା ସହ ଭୂୟସୀ ପ୍ରଶଂସା କରିଥିଲେ | ଆଜି ଶିଶୁ ଦିବସ ଅବସରରେ ସେ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ କାମନା କରିଥିଲେ |

ସମ୍ମାନିତ ଅତିଥି ଭାବେ ଶ୍ରୀ ସନ୍ତୋଷ କୁମାର ଉପାଧ୍ୟାୟ, ଆରକ୍ଷୀ ମହାନିର୍ଦ୍ଦେଶକ (ଅଗ୍ନିଶମ, ହୋମଗାର୍ଡ ଓ ସିଭିଲ ଡିଫେନ୍ସ) ଏବଂ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା ), ଶ୍ରୀ ଆର. କେ. ଶର୍ମା ଯୋଗ ଦେଇ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ସମାଜ ପ୍ରତି ଥିବା ମହନୀୟ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ | ନାଚ, ଗୀତ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଆୟୋଜନ କରି ଛୋଟ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ପୋଲିସ ପରିବାର କଲ୍ୟାଣ କେନ୍ଦ୍ର ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରିଥିଲେ | ଏହି ଅବସରରେ ଶିଶୁମାନଙ୍କୁ ବଡ ସ୍ୱପ୍ନ ଦେଖିବା ସହ ସଫଳତା ପାଇବା ପାଇଁ ଆତ୍ମବିଶ୍ୱାସର ସହ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ |

ପ୍ରାରମ୍ଭରେ ପରିବାର କଲ୍ୟାଣ କେନ୍ଦ୍ର କ୍ଲବର ସଭାପତି ଡଃ ଅନୁ ବଂସଲ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ଆଭିମୁଖ୍ୟ ଏବଂ ଆଗାମୀ ଦିନର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ । ଓଡିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ସମ୍ପାଦକ ସୋନାଲୀ ମହାନ୍ତି ମଧ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କ୍ଲବର କୋଷାଧକ୍ଷ ଡଃ ଲାରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମ୍ପାଦକ ଶ୍ରୀମତୀ ସବିତା ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସଂସ୍କୃତିକ କାର୍ଯ୍ୟ କ୍ରମ ପରିବେଷଣ କରା ଯାଇଥିଲା ।

ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଭ୍ୟା, ବରିଷ୍ଠ ପୋଲିସ ଅଧିକାରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

14/11/22

PRO, SP Hdqrs, Cuttack